بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୭ ଅପ୍ରେଲ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ସତ୍ୟ ବଚନ ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରଃ ୟୁନୁସ୍‌ର ଆୟତ ସଂଖ୍ୟା ୧୭ ଓ ୧୮ର ଆବୃତ୍ତି କରି କହିଲେ; ଏହି ଆୟତର ଅନୁବାଦ ଏହିକି ଯେ ତୁମେ ସେମାନଙ୍କୁ କହିଦିଅ, ଯଦି ତୁମମାନଙ୍କ ସକାଶେ (ପବିତ୍ର କୁରଆନ ପରିବର୍ତ୍ତେ ଅନ୍ୟ କୌଣସି ଶିକ୍ଷା ପ୍ରଦାନ କରିବା) ଅଲ୍ଲାଃଙ୍କର ଇଚ୍ଛା ଥାଆନ୍ତା ତେବେ ଆମ୍ଭେ ଏହି କୁରଆନକୁ ତୁମମାନଙ୍କ ସମ୍ମୁଖରେ ପାଠ କରି ଶୁଣାଇ ନଥାନ୍ତୁ, ଆଉ ନା ଏହି ଶିକ୍ଷା ସଂକ୍ରାନ୍ତରେ (ତୁମକୁ) ଅବଗତ କରାଇଥା'ନ୍ତୁ । ବସ୍ତୁତଃ ଆମ୍ଭେ ଏଥି ପୂର୍ବରୁ ତୁମମାନଙ୍କ ସହିତ ଜୀବନର ଏକ ଦୀର୍ଘ ସମୟ ଅତିବାହିତ କରିଅଛୁ । ତଥାପି କ'ଣ ତୁମୋମନେ ବୁଦ୍ଧି ପ୍ରୟୋଗ କରିବ ନାହିଁ । ପୁନଶ୍ଚ ତୁମେ ହିଁ କୁହ ଯିଏ ଅଲ୍ଲାଃଙ୍କ ପ୍ରତି ମିଥ୍ୟାରୋପ କରେ ଅବା ତାଙ୍କ ନିଦର୍ଶନଗୁଡ଼ିକର ପ୍ରତ୍ୟାଖ୍ୟାନ କରେ ତେବେ ତା'ଠାରୁ ବଳି ଅତ୍ୟାଚାରୀ ଆଉ କିଏ ହୋଇପାରେ । ନିଶ୍ଚିତ ରୂପେ ଅତ୍ୟାଚାରୀମାନେ କୃତକାର୍ଯ୍ୟ ହୁଅନ୍ତି ନାହିଁ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋଚନା ଚାଲିଥିଲା । ଆଜି ମହାଭାଗଙ୍କ ସତ୍ୟତା, ସଚ୍ଚରିତ୍ର ଓ ସତ କହିବା ସଂକ୍ରାନ୍ତରେ ଚର୍ଚ୍ଚା କରିବି ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଚିତ୍ତାକର୍ଷକ ଜୀବନୀର ଘଟଣାକ୍ରମରେ ତାଙ୍କର ସତ୍ୟତାର ଉଚ୍ଚତମ ନମୁନା ଦେଖିବାକୁ ମିଳୁଅଛି । ଏପରିକି ଶତ୍ରୁ ମଧ୍ୟ ହୁଜୁର[ସ.ଅ]ଙ୍କର ସତ କହିବାରେ ଉଚ୍ଚସ୍ତରରେ ଅଧିଷ୍ଠିତ ଥିବାର ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲା । ମହାଭାଗ ନିଜ ଅନୁଗାମୀମାନଙ୍କୁ ବି ଏହି ଉପଦେଶ ଦେଉଥିଲେ ଯେ ସଚୋଟତାର ଉଚ୍ଚତମ ସ୍ତର ହାସଲ କର । ସୁତରାଂ ଆଜି ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ନିଜ ନିଜର ବିଶ୍ଳେଷଣ ତଥା ନିରୀକ୍ଷଣ କରିବାର ଆବଶ୍ୟକତା ରହିଛି । ସଚୋଟତାର ଏହି ଉଚ୍ଚତମ ସ୍ତର ହିଁ ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ସଫଳତା ହାସଲ କରିବାର ଜମାନତ ଅର୍ଥାତ୍ ଚାବିକାଠି । ଏହିପରି ତାହା ଆମମାନଙ୍କ ସକାଶେ **ତବ୍‌ଲିଗ୍**ର ମାର୍ଗ ମଧ୍ୟ ଉନ୍ମୁକ୍ତ କରିଥାଏ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହୁଜୁର[ସ.ଅ]ଙ୍କ ପବିତ୍ର ଜୀବନୀର ଚର୍ଚ୍ଚା କରି ହଜରତ ମୁସଲେହ୍ ମଉଦ[ର.ଅ] ଗୋଟିଏ ସ୍ଥାନରେ କହିଛନ୍ତି, ଆମେ ପୁଣ୍ୟଶ୍ଳୋକଙ୍କ ସମ୍ପର୍କରେ ଦେଖିଥାଉ ଯେ ହୁଜୁର[ସ.ଅ]ଙ୍କ ଶତ୍ରୁମାନେ ମଧ୍ୟ ଏକଥା ସ୍ୱୀକାର କଲେ ଯେ ପବିତ୍ର ଅବତାର ଜଣେ ସତ୍ୟବାଦୀ ଓ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ସେମାନେ ହୁଜୁର[ସ.ଅ]ଙ୍କ ଉପରେ କୌଣସି ପ୍ରକାରର ଆରୋପ ଲଗାଇ ନଥିଲେ । ବରଂ ମହାଭାଗଙ୍କ ସତ୍ୟତା ଓ ପବିତ୍ରତାର ସାକ୍ଷ୍ୟ ଦେଇଥିଲେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆମ ପ୍ରିୟ ମୁନିବଙ୍କ ନିକଟରେ ଏମିତି କ'ଣ ଥିଲା ଯାହାକି ତାଙ୍କ ଶତ୍ରୁମାନଙ୍କୁ ପ୍ରଭାବିତ କରିଥିଲା । ପ୍ରାରମ୍ଭରେ ତ ସେମାନେ ପବିତ୍ର କୁରଆନ ଦ୍ୱାରା ପ୍ରଭାବିତ ହୋଇ ନଥିଲେ, ବରଂ ହୁଜୁର[ସ.ଅ]ଙ୍କ ପୂର୍ବ ଜୀବନ ହିଁ ଥିଲା ଏବଂ ସେମାନେ ମହାଭାଗଙ୍କ ସହିତ କାଳତିପାତ କରିଥିଲେ । ହୁଜୁର[ସ.ଅ]ଙ୍କ ବିଶ୍ୱସ୍ତତା, ସତ୍ୟ ବଚନ, ସହାନୁଭୂତି ଓ ବଳିଦାନକୁ ସ୍ୱୟଂ ଅବଲୋକନ କରିଥିଲା । ଯାହାକି ସେମାନଙ୍କୁ ପ୍ରଭାବିତ

କରିଥିଲା । ଦାବି କରିବା ପୂର୍ବରୁ ହୁଜୁର[ସ.ଅ] ସେମାନଙ୍କୁ **ଶିର୍କ** କରିବାରୁ ବାରଣ କରୁ ନଥିଲେ । କାରଣ ସେପର୍ଯ୍ୟନ୍ତ ସୁଦ୍ଧା ଈଶ୍ୱରଙ୍କ ନିକଟରୁ ଆଦେଶ ମିଳି ନଥିଲା । କିନ୍ତୁ ହୁଜୁର[ସ.ଅ] ସ୍ୱୟଂ **ମୁଶରିକ୍** (ଅନେକଶ୍ୱରବାଦୀ) ନଥିଲେ । ସୁତରାଂ ମହାଭାଗଙ୍କର ସୁନ୍ଦର ଆଚାରଣ ଥିଲା, ଯାହାର ପ୍ରଭାବ ଭିତରୁ ଭିତରୁ ସେମାନଙ୍କୁ ଗ୍ରାସ କରି ଚାଲିଥିଲା ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମ ପ୍ରିୟ ମୁନିବ ଓ ସର୍ଦାର, ନବୀଶ୍ରେଷ୍ଠ ଯିଏକି ମହାନ ଧର୍ମନିଷ୍ଠ ଥିଲେ, ଈଶ୍ୱର ତାଙ୍କୁ ଭିନ୍ନ ଭିନ୍ନ ସାହାଯ୍ୟ ସମର୍ଥନ ଦ୍ୱାରା ବିଭୂଷିତ କରିଥିଲେ । ଯେପରିକି ପ୍ରାରମ୍ଭରେ ହଜରତ ମୁସା[ଅ.ସ] ଓ ହଜରତ ଇସା[ଅ.ସ]ଙ୍କ ପରି ହୁଜୁର[ସ.ଅ]ଙ୍କୁ ମଧ୍ୟ ସ୍ୱଦେଶରୁ ନିର୍ବାସନର କଷ୍ଟ ସହ୍ୟ କରିବାକୁ ପଡିଥିଲା । କିନ୍ତୁ ସେହି ପ୍ରବାସ ବିଜୟ ଓ ସଫଳତା ବହନ କରୁଥିଲା । ତେଣୁ ହେ ବନ୍ଧୁଗଣ ! ନିଶ୍ଚିତ ରୂପେ ଜାଣିରଖ, ଯେ ଧର୍ମନିଷ୍ଠ (ବ୍ୟକ୍ତି) କଦାପି ନଷ୍ଟ ହୋଇ ନଥାଏ । ଯେତେବେଳେ ଦୁଇଟି ଦଳ ପରସ୍ପର ମଧ୍ୟରେ ଶତ୍ରୁତା କରିଥା'ନ୍ତି ଓ ଦ୍ୱେଷ ଭାବକୁ ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦିଅନ୍ତି, ତେବେ ସେହି ଦଳ ଯିଏକି ଈଶ୍ୱରଙ୍କ ନିକଟରେ ଧର୍ମନିଷ୍ଠ ଓ ପବିତ୍ରମୟ ହୋଇଥାଏ । ଆକାଶରୁ ତାହା ସକାଶେ ସାହାଯ୍ୟ ଅବତୀର୍ଣ୍ଣ ହୋଇଥାଏ । ଏହିପରି ଆକାଶୀୟ ନିଷ୍ପତ୍ତି ଦ୍ୱାରା ଧାର୍ମିକ କଳହର ସମାଧାନ ହୋଇଥାଏ । ପରାକ୍ରମୀ ଅଲ୍ଲାଃତାଲା ଆମ ପ୍ରିୟ ନବୀଙ୍କୁ ସମ୍ବୋଧନ କରି କହିଲେ; **ଓଇନ୍ନକା ଲଅଲା ଖୁଲୁକିନ୍ ଅଜିମ୍** ଅର୍ଥାତ୍ ତୁମ୍ଭେ ଏକ ବିଶିଷ୍ଟ ଓ ଅନନ୍ୟ ପ୍ରବୃତ୍ତି ବହନ କରୁଅଛ । ଅର୍ଥାତ୍ ସମସ୍ତ ପ୍ରକାରର ଉତ୍ତମ ଗୁଣାବଳୀ... ତୁମ୍ଭ ଠାରେ ଏକତ୍ରିତ । ବସ୍ତୁତଃ ଯେଭଳି ମନୁଷ୍ୟର ହୃଦୟରେ ସାମର୍ଥ୍ୟ ଦେଖିବାକୁ ମିଳିଥାଏ । ...ଯଦି ସମସ୍ତ ସ୍ୱଭାବଗତ ଅବସ୍ଥା ବୁଦ୍ଧିଜ୍ଞାନ ପ୍ରୟୋଗ କରି ତଥା ପରାମର୍ଶ ଦ୍ୱାରା ନିଜ ନିଜ ସ୍ଥାନରେ ପ୍ରକଟ କରାଯିବ ତେବେ ସେ ସବୁର ନାମ ସଚ୍ଚରିତ୍ର । ହଜରତ ମୁହମ୍ମଦ[ସ.ଅ] ସତ୍ୟତାକୁ ସଂସାରରେ ପରିବ୍ୟାପ୍ତ କରିବା ସକାଶେ ଆସିଥିଲେ । ଏଥିପାଇଁ ବିଭିନ୍ନ ଅବସରରେ ମହାଭାଗ ନିଜ ଅନୁଗାମୀମାନଙ୍କୁ ମଧ୍ୟ ସତ୍ ମାର୍ଗ ଅବଲମ୍ବନ କରିବାକୁ ଅନୁପ୍ରାଣିତ କରୁଥିଲେ ।

ତୁମମାନଙ୍କ ସକାଶେ ସତ୍ୟକୁ ଅନିବାର୍ଯ୍ୟ କରି ଦିଆଯାଇଛି । **କାରଣ ସତ୍ୟ ପୁଣ୍ୟ (ଅର୍ଜନ କରିବା) ଆଡ଼କୁ ଘେନି ନିଏ, ଆଉ ପୁଣ୍ୟ ଜନ୍ନତ୍ ପ୍ରାପ୍ତିର ମାର୍ଗକୁ ସମତୁଳ କରିଥାଏ** । ଯଦି କୌଣସି ବ୍ୟକ୍ତି ସର୍ବଦା ସତ କଥା କୁହେ ଓ ସତ୍ୟ ପ୍ରତି ଆସକ୍ତ ରୁହେ, ଏପରିକି ସେ ଅଲ୍ଲାଃଙ୍କ ନିକଟରେ ସତ୍ୟବାଦୀ ଲେଖାଯାଇଥାଏ । ତୁମେମାନେ ମିଛ କହିବାରୁ ବର୍ତ୍ତି ରୁହ, କାରଣ ମିଥ୍ୟା ମନ୍ଦ ଓ ଅସତ୍ ପଥ ଆଡ଼କୁ ଟାଣି ନେଇଯାଇଥାଏ । ଆଉ ଅସତ୍ ଓ ମନ୍ଦକର୍ମ ନର୍କ ଆଡ଼କୁ ନେଇଯାଏ । ମନୁଷ୍ୟ ମିଛ କହି ଚାଲିଥାଏ, ଏପରିକି ସେ ଅଲ୍ଲାଃତାଲାଙ୍କ ସମକ୍ଷ ମିଥ୍ୟାବାଦୀ ଲେଖା ଯାଇଥାଏ । ଆଉ ଏକ ଅବସରରେ ହୁଜୁର[ସ.ଅ] କହିଲେ; ନିଃସନ୍ଦେହରେ ମିଥ୍ୟା କୌଣସି ପରିସ୍ଥିତିରେ ବି ଠିକ୍ ଅର୍ଥାତ୍ ଗ୍ରହଣ ଯୋଗ୍ୟ ନୁହେଁ । ନା ଥଟ୍ଟା କରିବା ପ୍ରସଙ୍ଗରେ, ଆଉ ନା ସାମାନ୍ୟ ଅବସ୍ଥାରେ । ନା ଏପରିକି କୌଣସି ବ୍ୟକ୍ତି ନିଜ ଛୁଆ ସହିତ (ଗୋଟିଏ କାର୍ଯ୍ୟ କରିବାର) ପ୍ରତିଜ୍ଞା କରି ତାହାକୁ ପୂରଣ ନକରିବା ।

ଅଲ୍ଲାମା ରାଜି[ର.ଅ] ସୁରଃ ତୌବା ଆୟତ ସଂଖ୍ୟା ୧୧୯ ର ବ୍ୟାଖ୍ୟା କରି କୁହନ୍ତି; ଜଣେ ବ୍ୟକ୍ତି ପୁଣ୍ୟଶ୍ଳୋକ[ସ.ଅ]ଙ୍କ ନିକଟକୁ ଆସିଲା ଓ କହିଲା, ମୁଁ ଏପରି ବ୍ୟକ୍ତି ଯିଏକି ଚାହୁଁଛି କି ନିଜ ଅପକର୍ମରୁ ନିବୃତ୍ତ ହୋଇଯାଆନ୍ତି । କିନ୍ତୁ ମୁଁ ବହୁଳ ମାତ୍ରାରେ ମଦ୍ୟପାନ କରିବା, ଚୋରୀ, ବ୍ୟଭିଚାର ଓ ମିଛ କହିବା ଇତ୍ୟାଦି ଅଭ୍ୟାସରେ ନିମର୍ଜ୍ଜିତ । ଲୋକମାନେ କହୁଛନ୍ତି ମହାଭାଗ ଏସମସ୍ତ ପ୍ରସଙ୍ଗକୁ ଅବୈଧ ଘୋଷିତ କରିଛନ୍ତି । ମୋ ଠାରେ ଏହି ସାମର୍ଥ୍ୟ ନାହିଁ, ଯେ ମୁଁ ଏସମସ୍ତ ମନ୍ଦକର୍ମକୁ ପରିହାର କରିପାରିବି । ଯଦି ଆପଣ ସେଥିମଧ୍ୟରୁ କୌଣସି ଗୋଟିକକୁ ବର୍ଜନ କରିବାକୁ କହିବେ ତେବେ ମୁଁ ଆପଣଙ୍କ ଉପରେ ବିଶ୍ୱାସ ଆଣିବାକୁ ପ୍ରସ୍ତୁତ ଅଛି । ମହାଭାଗ କହିଲେ; ଠିକ୍ ଅଛି, ତୁମେ ମିଛ କହିବାକୁ ପରିତ୍ୟାଗ କରିଦିଅ । ସେ ମିଥ୍ୟା ବଚନରୁ ଓହରିବାର ପ୍ରଣ କରି ମୁସଲମାନ ହୋଇଗଲେ । ପୁଣି ଯେତେବେଳେ ସେ ହୁଜୁର[ସ.ଅ]ଙ୍କ ନିକଟରୁ ଚାଲି ଆସିଲେ ସେତେବେଳେ ତାଙ୍କୁ ସେ ସମସ୍ତ ଅପକର୍ମର ସମ୍ମୁଖୀନ ହେବାକୁ ପଡିଲା ଓ ତାଙ୍କ ମନରେ ଏହି କଥା ଉଦ୍ରେକ ହେଲା ଯେ ଯଦି ମୁଁ ସେହି ଅପକର୍ମରେ ଗ୍ରସିତ ହୁଏ ଏବଂ ସେଥି ସଂକ୍ରାନ୍ତରେ ହୁଜୁର[ସ.ଅ] ମୋତେ ପଚାରନ୍ତି ତେବେ ମୋତେ ତ ସତ କଥା କହିବାକୁ ପଡିବ । ଏପରି ସେ ସମସ୍ତ ମନ୍ଦ ଓ ଅସଭ୍ୟ କାର୍ଯ୍ୟରୁ ଦୂରେଇ

ଗଲେ ।

ବର୍ଣ୍ଣିତ ରହିଛି, ହଜରତ ଅବୁବକର୍ ସିଦ୍ଦିକ୍[ର.ଅ] ଯେତେବେଳେ ଜାଣିବାକୁ ପାଇଲେ ଯେ ହଜରତ ମୁହମ୍ମଦ[ସ.ଅ] ଅବତାରତ୍ୱର ଦାବି କରିଛନ୍ତି । ସେତେବେଳେ ସେ ପୁରୁଷୋତ୍ତମ ହୁଜୁର[ସ.ଅ]ଙ୍କ ନିକଟକୁ ଆସିଲେ ଓ କହିଲେ; ମୋତେ ଆପଣଙ୍କ ସଂକ୍ରାନ୍ତରେ ଗୋଟିଏ କଥା ଶୁଣିବାକୁ ମିଳିଛି । ତହୁଁ ହୁଜୁର[ସ.ଅ] କହିଲେ; ହେ ଅବୁବକର୍ ! ତୁମେ ମୋ ବିଷୟରେ କ'ଣ ଶୁଣିଛ ? ସେ ଉତ୍ତର ଦେଲେ ଏହିକି ଯେ ଆପଣ ଲୋକମାନଙ୍କୁ ଏକେଶ୍ୱରବାଦ ଆଡ଼କୁ ଡ଼ାକୁଛନ୍ତି ଓ ଆପଣ କୁଆଡ଼େ ଅଲ୍ଲାଃଙ୍କର ପ୍ରେରିତ ଦୂତ । ହୁଜୁର[ସ.ଅ] କହିଲେ; ହଁ ! ମୋ ପାଳନକର୍ତ୍ତା ମୋତେ ଏକ ସୁସମାଚାରଦାତା ଓ ସତର୍କକାରୀ ଭାବେ ନିଯୁକ୍ତ କରିଛନ୍ତି ଏବଂ ମୋତେ ଇବ୍ରାହିମ୍ଙ୍କ ଦୁଆର ନିଷ୍କର୍ଷ ଅର୍ଥାତ୍ ସାର ବିବେଚିତ କରିଛନ୍ତି । ଆଉ ମୋତେ ସକଳ ମାନବଜାତି ସକାଶେ ପ୍ରେରଣ କରିଛନ୍ତି । ହଜରତ ଅବୁବକର୍ କହିଲେ; ଅଲ୍ଲାଃଙ୍କ ରାଣ ! ମୁଁ କଦାପି ଆପଣଙ୍କୁ ମିଥ୍ୟା ବଚନ କହିବାର ଦେଖି ନାହିଁ । ଆପଣ ତ ଅମାନତ୍‌ର ମର୍ଯ୍ୟାଦା ରକ୍ଷାକାରୀ, ଦୟା ପ୍ରଦର୍ଶନକାରୀ ଓ ଉତ୍ତମ କର୍ମ ଯୋଗୁଁ ଅବତାରତ୍ୱର ସବୁଠାରୁ ଅଧିକ ହକଦାର । ତେଣୁ ନିଜ ପବିତ୍ର ହସ୍ତ ଆଗକୁ ବଢ଼ାନ୍ତୁ ଯଦ୍ଦ୍ୱାରା ମୁଁ ଆପଣଙ୍କର **ବୈଅତ୍** (ଦୀକ୍ଷା ଗ୍ରହଣ) କରିବି । ଏଥିରେ ମହାଭାଗ ନିଜ ହାତ ପ୍ରସାରିତ କଲେ ଓ ହଜରତ ଅବୁବକର୍[ର.ଅ] ମହାଭାଗଙ୍କର **ବୈଅତ୍** କରିନେଲେ ।

ହଜରତ ଖଦିଜାଃ[ର.ଅ] **ଓହ୍ହି** (ଦୈବିବାଣୀ) ଅବତୀର୍ଣ୍ଣ ହେବାର ପ୍ରାରମ୍ଭରେ ପୁଣ୍ୟଶ୍ଳୋକଙ୍କର ବୈଶିଷ୍ଟ୍ୟ ଯେପରିକି ଅମାନତ୍‌ର କର୍ତ୍ତବ୍ୟ ସମ୍ପନ୍ନ କରିବା, ସଚ୍ଚୋଟତା ଉପରେ ଯେଉଁ ଉଚ୍ଚକୋଟିର **କଲ୍‌ମା** (ଉକ୍ତି) କହିଥିଲେ, ହଜରତ ମସିହ ମଉଦ[ଅ.ସ] ତାହାର ବର୍ଣ୍ଣନା କରି କୁହନ୍ତି; ଚିନ୍ତା କର ୫୫ବର୍ଷିୟ ପତ୍ନୀ, ହୁଜୁର[ସ.ଅ]ଙ୍କ ସ୍ୱସହର, ସ୍ୱଜାତି ଯିଏକି ୧୫ବର୍ଷ ହେଲା ଆପଣଙ୍କ ସାଥିରେ କାଳତିପାତ କରିଥିଲେ, କିପରି ଉକ୍ତିରେ ସାକ୍ଷ୍ୟ ଦେଇଛନ୍ତି । ଖଦିଜାଃ[ର.ଅ]ଙ୍କର ସାକ୍ଷ୍ୟ ଦେବା ତାହା ପୁଣି ଏପରି ଏକ ସମୟ ଯେତେବେଳେ ମହାଭାଗ ଭୀଷଣ ରୂପେ ମନସ୍ତାପ ଓ ବ୍ୟତିବ୍ୟସ୍ତ ଥିଲେ, ଚିନ୍ତନ ଓ ମନ୍ଥନ କରିବା ଯୋଗ୍ୟ । ଯଦି ହୁଜୁର[ସ.ଅ]ଙ୍କ ଠାରେ ଏସବୁ ଉତ୍ତମ ଗୁଣ ନଥାନ୍ତା ତେବେ ହଜରତ ଖଦିଜାଃ[ର.ଅ] ଏପରି ସାକ୍ଷ୍ୟ କଦାପି ସାନ୍ତ୍ୱନା ମୂଳକ ହୋଇ ନଥାନ୍ତା । ଶୋଏବ୍ ଅବି ତାଲିବ୍‌ରେ ଯେତେବେଳେ ମୁସଲମାନମାନେ ମକ୍କାରୁ ବାଛନ୍ଦ ହେବାର ଦଣ୍ଡ ଭୋଗ କରୁଥିଲେ ଓ ତାହାର ତୃତୀୟ ବର୍ଷ ହଜରତ ମୁହମ୍ମଦ[ସ.ଅ] ପରାକ୍ରମୀ ଅଲ୍ଲାଃଙ୍କ ଠାରୁ ସୂଚନା ପାଇ ନିଜ ଚଚା ଅବୁ ତାଲିବ୍‌ଙ୍କୁ କହିଲେ; ବନୁ ହାଶିମ୍ ଆମକୁ ବାଛନ୍ଦ କରିବାର ଯେଉଁ ସର୍ତ୍ତାବଳୀ ଖାନାକାବା'ରେ ଲଟକାଇଛନ୍ତି, ଅଲ୍ଲାଃଙ୍କ ନାମ ବ୍ୟତୀତ ତାହାର ସମସ୍ତ ଉକ୍ତିକୁ ଉଇମାନେ ଗ୍ରାସ କରିନେଇଛି । ହଜରତ ଅବୁ ତାଲିବ୍‌ଙ୍କୁ ହୁଜୁର[ସ.ଅ]ଙ୍କ କଥନ ଉପରେ ଏପରି ବିଶ୍ୱାସ ଥିଲା, ଯେ ସେ ନିଜ ଭାଇମାନଙ୍କ ସହିତ ଏହି ବିଷୟରେ ଆଲୋଚନା କରି କହିଲେ; ହଜରତ ମୁହମ୍ମଦ[ସ.ଅ] ଆଜି ପର୍ଯ୍ୟନ୍ତ ମୋତେ ମିଛ କହି ନାହାନ୍ତି । ସୁତରାଂ ସେ ସେମାନଙ୍କ ସହିତ କୁରୈଶର ସର୍ଦ୍ଦାରମାନଙ୍କ ନିକଟକୁ ଗଲେ ଓ ତାଙ୍କୁ କହିଲେ; ମୋ ପୁତୁରା ମୋତେ ଏହି କଥା କହିଛନ୍ତି । ଅତଃ ଯଦି ମୋ ପୁତୁରା ସତ୍ୟବାଦୀ ପ୍ରମାଣିତ ହୁଅନ୍ତି ତେବେ ତୁମକୁ ନିଜ ବାଛନ୍ଦ (ବାଇକଟ୍)ର ନିଷ୍ପତ୍ତିରୁ ଓହରିବାକୁ ହେବ । ଆଉ ଯଦି ସେ ମିଥ୍ୟାବାଦୀ ସାବ୍ୟସ୍ତ ହୁଅନ୍ତି ତେବେ ମୁଁ ତାହାକୁ ଆଣି ତୁମ ହାତରେ ଟେକିଦେବି । ତେଣିକି ତୁମେ ତାହାକୁ ନିହତ କର ଅବା ଜୀବିତ ଛାଡ଼ିଦେବ । ଅତଏବ ଯେତେବେଳେ ସେହି ସର୍ତ୍ତାବଳୀ ଉଲ୍ଲେଖ ଥିବା ନଥିକୁ ଦେଖାଗଲା ସେତେବେଳେ ତାହାର ଅବସ୍ଥା ଠିକ୍ ସେହିପରି ଦୟନୀୟ ହୋଇଯାଇଥିଲା ଯେପରିକି ହୁଜୁର[ସ.ଅ] କହିଥିଲେ । **ବସ୍ତୁତଃ କୁରୈଶ ନିଜ ଜାତି ସମ୍ମୁଖରେ ଲଜ୍ଜିତ ଓ ଅପମାନିତ ହୋଇଗଲେ ।**

ଦେଖ ଅବୁ ଜହଲ୍ ପବିତ୍ର ଅବତାରଙ୍କର କେତେ ବଡ ଶତ୍ରୁ ଥିଲା । କିନ୍ତୁ ସେ ମଧ୍ୟ ଏକ ଅବସରରେ ସାକ୍ଷ୍ୟ ଦେଲା ଯେପରିକି ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରନ୍ତି, ଆମେ ତୁମକୁ ମିଥ୍ୟାବାଦୀ କହୁ ନାହୁଁ, ବରଂ ଆମେ ତ ସେହି ଶିକ୍ଷାର ପ୍ରତ୍ୟାଖ୍ୟାନ କରୁଅଛୁ, ଯାହା ତୁମେ ଉପସ୍ଥାପନ କରୁଅଛ । ତେବେ ଅବୁ ଜହଲ୍ ପରି ଜଣେ ପରମ ଶତ୍ରୁ ଓ ଦୁର୍ଜନ ବ୍ୟକ୍ତି ମଧ୍ୟ ହୁଜୁର[ସ.ଅ]ଙ୍କୁ ମିଥ୍ୟାବାଦୀ କହିବାକୁ ପ୍ରସ୍ତୁତ ନଥିଲା । ଉମୈୟା ବିନ୍ ଖଲଫ୍ ମଧ୍ୟ ହୁଜୁର[ସ.ଅ]ଙ୍କର ଭୀଷଣ ଶତ୍ରୁ ଥିଲା, କିନ୍ତୁ ଏକ ଅବସରରେ ତାହା ମୁଖରୁ ବି ଏହି ଶବ୍ଦ ଉଦ୍ଧୃତ ହୋଇଥିଲା ଯେ ଈଶ୍ୱରଙ୍କ

ରାଣ ! ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଯେତେବେଳେ କିଛି କୁହନ୍ତି ସେତେବେଳେ ସତ କଥା ହିଁ କହିଥା'ନ୍ତି, ମିଛ କହି ନଥା'ନ୍ତି । ଲୋକକଥା ରହିଛି, 'ଜାଦୁ ଓ୍ୱହ୍ ଯୋ ସର୍ ଚଢ଼୍ କର ବୋଲେ' । ଦେଖ ହଜରତ ମୁହମ୍ମଦ[ସ.ଅ]ଙ୍କର ଏହା କେତେ ବଡ ଜାଦୁ ଥିଲା, **ଯେ ମହାଭାଗ ନିଜର ସମସ୍ତ ଶତ୍ରୁମାନଙ୍କ ଦ୍ୱାରା ମଧ୍ୟ ନିଜ ସତ୍ୟତା ଓ ନୀତିବାନ ହେବା ପ୍ରମାଣିତ କରିଦେଲେ ।**

ମଦିନାର ଯହୁଦିମାନଙ୍କର ସାକ୍ଷ୍ୟ ବି ମିଳୁଅଛି, ଯେ ମୁସଲମାନ ଓ ଯହୁଦି କବିଲା ବନୁ କୁରୈଜାଃ ମଧ୍ୟରେ ପାରସ୍ପରିକ ସାହାଯ୍ୟ ତଥା ସହଯୋଗ କରିବାର ସନ୍ଧି ହୋଇଥିଲା । ଏହେଜାବ୍ ଯୁଦ୍ଧ ସମୟରେ ବନୁ ନଜୀର୍ ଦଳର ସର୍ଦାର ହୈଇ ବିନ୍ ଅଖତବ୍ ବନୁ କୁରୈଜାଃ ସହିତ କାବ୍ ବିନ୍ ଅସଦ୍ କରଜୀ ନିକଟକୁ ଗଲା ଓ ତାହାକୁ ମୁସଲମାନମାନଙ୍କ ସହିତ କରିଥିବା ସନ୍ଧିଭଙ୍ଗ ଓ କୁରୈଶର ସାହାଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବାକୁ ଉଦ୍ୟମ କରିଥିଲା, ଯଦ୍ୱାରା ମୁସଲମାନମାନଙ୍କୁ ନିପାତ ଓ ପରାଜିତ କରାଯାଇ ପାରିବ । ଏହି ଅବସରରେ କାବ୍ ବିନ୍ ଅସଦ୍ ଯିଏକି ବନୁ କୁରେଜାଃର ସର୍ଦାର ଓ ମୁସଲମାନମାନଙ୍କର ଶତ୍ରୁ ଥିଲା, ସେ କହି ଉଠିଲା ମୁଁ ହୁଜୁର[ସ.ଅ]ଙ୍କ ସହିତ ସନ୍ଧି କରିଛି ଓ ମୁଁ କଦାପି ଏହାକୁ ଭଙ୍ଗ କରିବି ନାହିଁ । ମୁଁ ତାଙ୍କ ଠାରେ ବିଶ୍ୱସ୍ତତା ଓ ସତ୍ୟତା ବ୍ୟତୀରେକେ ଅନ୍ୟ କିଛି ଦେଖି ନାହିଁ । ଗୋଟିଏ ଅବସରରେ ପୁଣ୍ୟଶ୍ଳୋକ କହିଲେ; ମୁଁ ପରିହାସ ନିଶ୍ଚିତ କରିଥାଏ, କିନ୍ତୁ ସେଥିରେ ବି ସତ କଥା କହିଥାଏ । ଏହିପରି କହିଲେ; ସେହି ବ୍ୟକ୍ତି ଧ୍ୱଂସ ହେଉ ଯିଏ କଥା କହିଲେ ମିଛ କୁହେ, ଯଦ୍ୱାରା ଲୋକମାନେ (ତାହା କଥାରେ) ହସି ହସି ଲେଉଟ ପାଉଟ ହେବାକୁ ଲାଗିବେ ।

ହଜରତ ମୁସଲେହ୍ ମଉଦ[ର.ଅ] କହିଛନ୍ତି; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ବ୍ୟକ୍ତିଗତ ସ୍ତର ତ ଏତେ ଉର୍ଦ୍ଧ୍ୱରେ (ବିଦ୍ୟମାନ) ଥିଲା ଯେ ଆପଣଙ୍କ ଜାତିର ଲୋକେ ଆପଣଙ୍କୁ **ସିଦ୍ଦିକ୍** (ସତ୍ୟବାଦୀ) ନାମରେ ଅଭିହିତ କରୁଥିଲେ । ମହାଭାଗ ନିଜ ଅନୁଗାମୀମାନଙ୍କୁ ମଧ୍ୟ ସର୍ବଦା ସତ୍ୟ ଉପରେ ପ୍ରତିଷ୍ଠିତ ରହିବାକୁ ଅନୁପ୍ରାଣିତ କରୁଥିଲେ । ମହାଭାଗ କହୁଥିଲେ, ସତ୍ୟ ହିଁ ପୁଣ୍ୟ ଆଡ଼କୁ ଧାନ କେନ୍ଦ୍ରିତ କରିଥାଏ ଓ ସେହି ପୁଣ୍ୟ ହିଁ **ଜନ୍ନତ୍** ପ୍ରାପ୍ତିର କାରଣ ସିଦ୍ଧ ହୋଇଥାଏ । ସତ୍ୟର ପ୍ରକୃତ ସ୍ଥାନ ଏହିକି ଯେ ମନୁଷ୍ୟ ନିରନ୍ତର ସତ କଥା କହିବାରେ ପ୍ରତିଷ୍ଠିତ ରୁହେ, ଏପରିକି ସେ ନିଜ ପାଳନକର୍ତ୍ତା ସମକ୍ଷରେ ସତ୍ୟବାଦୀ ମଣାଯିବ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ପ୍ରତ୍ୟେକ ଅହମଦିଙ୍କର କର୍ତ୍ତବ୍ୟ ଯେ ଆମେ ନିଜର ନିରୀକ୍ଷଣ କରିବା କି ଆମ ସଚ୍ଚୋଟତାର ସ୍ତର କେଉଁଠି ରହିଛି ଓ ଯେଉଁ ଦୁର୍ବଳତା ରହିଯାଇଛି, ସେଗୁଡ଼ିକୁ ଆମେ ଦୂର କରିବାର ଉଚିତ୍ । ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମତି ଶାହିଦା ଅହମଦ ସାହେବା ପତ୍ନୀ ମିର୍ଜା ନସିମ୍ ଅହମଦ ସାହେବଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ତାଙ୍କ **ନମାଜ ଜନାଯାଃ ଗାଏବ୍** ପାଠ କରିବାର ଘୋଷଣା କଲେ ।

---

ଅଲ୍ହମ୍ଦୁ ଲିଲ୍ଲାହି ନହ୍ମଦୁହୁ ଓ୍ୱ ନସ୍ତଈନୁହୁ ଓନସ୍ତଗ୍ଫିରୁହୁ ଓନୁମିନୁ ବିହି ଓନତଓକ୍କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍ଫୁସିନା ଓ ମିନ୍ ସଈୟ୍ୟାତି ଆମାଲିନା ମଇଁ ୟହ୍ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍ଲିଲ୍ହୁ ଫଲା ହାଦିୟା ଲହୁ ଓନଶ୍ହଦୁ ଅଲ୍ଲା ଇଲାହା ଇଲ୍ଲ୍ଲାହୁ ଓ୍ୱନଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍ମକୁମୁଲ୍ଲାହା ଇନ୍ନଲ୍ଲାହା ୟାମୁରୁବିଲ୍ ଅଦ୍ଲେ ଓ୍ୱଲ୍ ଇହ୍ସାନି ଓ୍ୱଇତାଇଜିଲ କୁର୍ବା ଓ୍ୱୟନ୍ହା ଅନିଲ୍ ଫହ୍ଶାଇ ଓ୍ୱଲ୍ ମୁନ୍କରି ଓ୍ୱଲ୍ ବଗ୍ଇ ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍ କରୁନ୍ ଉଯ୍କୁରୁଲ୍ଲାହା ୟଯ୍କୁରୁକୁମ୍ ଓଦ୍ଉହୁ ୟସ୍ତଜିବ୍ ଲକୁମ୍ ଓଲଯିକ୍ରୁଲ୍ଲାହି ଅକ୍ବର୍ ।

*** *** ***

Khulasa Khutba Juma Huzoor Anwar a.b.a

17th April 2026

*Translated to Odia by :* Moulavi Anwar Ahmad Khan